**OFFICE OF THE ELECTION OFFICER**
**THE ODISHA NURSING EMPLOYEES' ASSOCIATION**
Govt. Recognition L.No.- 45797, Dt. 25.09.1981
Head office: Quarter No. 20/1. Type IV-A, Unit -II, Bhubaneswar -751009
E-mail - **electionofficeronea2025@gmail.com** Website - **www.onea.in**

No. 62/ONEA ELE/25 Date 25.4.2025

# ସୂଚନା ପତ୍ର

ଓଡିଶା ନର୍ସିଂ କର୍ମଚାରୀ ସଂଘର ସମସ୍ତ ସଦସ୍ୟଙ୍କ ଅବଗତି ପାଇଁ ଜଣାଇ ଦିଆଯାଉଛି ଯେ, ନିର୍ବାଚନ ଦିନ କୌଣସି ସଦସ୍ୟଙ୍କୁ ନିଜର ସଦସ୍ୟତା ନବୀକରଣ(renewal ) କରିବାକୁ ଅନୁମତି ମିଳିବ ନାହିଁ। ସଂଘର ବିଭିନ୍ନ ସାଧାରଣ ପରିଷଦ ବୈଠକରେ ଅଫଲାଇନ୍ ସଦସ୍ୟତା ନବୀକରଣକୁ ଅନୁମତି ମିଳିବ ନାହିଁ ବୋଲି ପୂର୍ବରୁ ଗୃହୀତ ହୋଇଛି। ଯେହେତୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଲାପରେ ନବୀକରଣ କରିଥିବା ସଦସ୍ୟଙ୍କୁ ମାନ୍ୟତାପ୍ରାପ୍ତ (valid ) ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ସମ୍ଭବ ନୁହେଁ, ତେଣୁ ଏହି ଦିନରେ ଅଫଲାଇନ୍ ସଦସ୍ୟତା ନବୀକରଣ କୌଣସି ପରିସ୍ଥିତିରେ ଗ୍ରହଣଯୋଗ୍ୟ ହେବ ନାହିଁ।

ପୂର୍ବରୁ ସଂଘ ତରଫରୁ ପର୍ଯ୍ୟାପ୍ତ ସମୟ ଏବଂ ସୂଚନା ଦେଇ ସଦସ୍ୟମାନଙ୍କୁ ନବୀକରଣ କରିବା ପାଇଁ ସୁଯୋଗ ପ୍ରଦାନ କରାଯାଇଛି । ଏହିପରିସ୍ଥିତିରେ ନିର୍ବାଚନ ଦିନ ଅତିରିକ୍ତ ସୁଯୋଗ ଦେବା ଅନୁଚିତ ଏବଂ ଅନ୍ୟାୟ ହେବ। ପୁନଶ୍ଚ, ନବୀକରଣ କରିନଥିବା ସଦସ୍ୟ ମାନଙ୍କର ଅନାବଶ୍ୟକ ସମାବେଶ ଦ୍ୱାରା ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇପାରେ ।

ଏହି ପରିପ୍ରେକ୍ଷିତରେ, ସମସ୍ତ ସଦସ୍ୟମାନଙ୍କୁ ବିନମ୍ର ଅନୁରୋଧ କରାଯାଉଛି ଯେ, ଯେଉଁମାନେ ନବୀକରଣ (renewal ) କରିନାହାଁନ୍ତି ସେମାନେ ଭୁଲ୍ ସୂଚନା ଓ ଭ୍ରମ ମୂଳକ WhatsApp ସନ୍ଦେଶରେ ବିଶ୍ୱାସ କରି ନିର୍ବାଚନ ସ୍ଥଳକୁ ଆସନ୍ତୁ ନାହିଁ କିମ୍ୱା କୌଣସି ଅପ୍ରୀତିକର କାର୍ଯ୍ୟରେ ଲିପ୍ତ ରୁହନ୍ତୁ ନାହିଁ । ଏହା ଅନାବଶ୍ୟକ ଭିଡ଼ ସୃଷ୍ଟି କରିପାରେ।

ଯଦି କୌଣସି ସଦସ୍ୟ ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବେ, ତେବେ ନିର୍ବାଚନ ଅଧିକାରୀ ବିଶୃଙ୍ଖଳା ସୃଷ୍ଟି କରୁଥିବା ସଦସ୍ୟଙ୍କ ବିରୋଧରେ ବିଧିମାନ ଆଇନ ଅନୁଯାୟୀ ପୋଲିସ୍ ଷ୍ଟେସନ୍‌ରେ ଅଭିଯୋଗ ଦାଖଲ କରିବାକୁ ବାଧ ହେବେ ଏବଂ ସମ୍ପୃକ୍ତ ସଦସ୍ୟଙ୍କ ସଦସ୍ୟତାକୁ ସବୁ ଦିନ ପାଇଁ ରଦ୍ଦ କରିଦିଆଯିବ ।

ଏହି ସୂଚନା ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁ ରୂପେ ଓ ଶାନ୍ତିପୂର୍ଣ୍ଣ ଭାବରେ ଚାଳନା କରିବା ପାଇଁ ଜାରି କରାଯାଇଛି।

Ranjita Roy
ନିର୍ବାଚନ ଅଧିକାରୀ
ଓଡିଶା ନର୍ସିଂ କର୍ମଚାରୀ ସଂଘ